# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଏକ ମନୁଷ୍ୟ ଯେ ନତ ହେଲେନାହିଁ

ଲେଖକ: Edward Hughes

ଦୃଷ୍ଟାନ୍ତ: Jonathan Hay

ଉପଯୋଜକ: Mary-Anne S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2014 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ରାଜା ନବୁଖଦନିସ୍ର ଶୁଦ୍ଧ ଏକ ପ୍ରକାଣ୍ଡ ସୁବର୍ଣ୍ଣ ପ୍ରତିମା ନିର୍ମାଣ କଲେ । ତାହାର ମସ୍ତକରୁ ପାଦ ପର୍ଯ୍ୟନ୍ତ ସ୍ୱର୍ଣ୍ଣମୟ ଥିଲା । ହୋଇପାରେ ସେ ତାଙ୍କ ସ୍ୱପ୍ନକଥା ପାଶୋରିଗଲେ ଯାହା ତାଙ୍କ ରାଜ୍ୟ ବିଷୟରେ ବର୍ଣ୍ଣୀତ ଥିଲା ଯେ ତାଙ୍କ ରାଜ୍ୟ ଚ଼ୀରସ୍ଥାୟୀ ହେବନାହିଁ । ହୋଇପାରେ ସେ ଭାବଲେ ଯଦି ମୁଁ ସଂପୁର୍ଣ୍ଣ ସ୍ୱର୍ଣ୍ଣରେ ପ୍ରତିମା ନିର୍ମାଣ କରିବି ତେବେ ସଦାପ୍ରଭୁଙ୍କ ବାକ୍ୟ ସଫଳ ହୋଇ ନପାରେ ।



ରାଜାଙ୍କ ଦାସମାନଙ୍କ ମଧ୍ୟରୁ ଜଣେ ସେହି ଆଜ୍ଞାପତ୍ର ପାଠ କଲେ ... ତୁମ୍ଭେମାନେ ରାଜାଙ୍କର ସ୍ୱର୍ଣ୍ଣ ନିର୍ମୀତ ପ୍ରତିମାକୁ ଉବୁଡ଼ ହୋଇ ପ୍ରଣାମ କରିବ ... ପୁଣି ଯେକେହି ସେହି ପ୍ରତିମା ଛାମୁରେ ଉବୁଡ଼ ହୋଇ ପ୍ରଣାମ ନ କରିବ ସେ ତାହାକୁ ପ୍ରଜ୍ୱଳିତ ଅଗ୍ନିକୁଣ୍ଡରେ ନିକ୍ଷେପ ହେବେ ।



ସମସ୍ତେ ରାଜାଙ୍କ ଆଜ୍ଞା ଆନୁସେରେ କର୍ମ କଲେ, ମାତ୍ର ସେଠାରେ ତିନିଲୋକ ଥିଲେ ସେମାନେ ତାହାର ପ୍ରତିମାକୁ ଉବୁଡ଼ ହୋଇ ପ୍ରଣାମ କଲେନାହିଁ । ସେମାନେ ଏବ୍ରୀୟ ଥିଲେ । ସେମାନଙ୍କର ନାମ ଶଦ୍ରକ୍, ମୈଶକ୍ ଓ ଅବେଦ୍-ନଗୋ ଥିଲା, ସେମାନେ ଦାନିୟେଲଙ୍କର ସଂଙ୍ଗି ଥିଲେ । ଏଥିରୁ ଜଣାଯାଏ ସେହିସମୟରେ ଦାନିୟେଲ ସେଠାରେ ନ ଥିଲେ, ତା ନ ହେଲେ ସେ ମଧ୍ୟ ସେହି ମନୁଷ୍ୟ ଗଢ଼ା ପ୍ରତିମାକୁ ପ୍ରଣାମ କରି ନ ଥାଆନ୍ତେ ।



ରାଜାଙ୍କ ବୁଦ୍ଧିଜୀବୀ ଓ ପଣ୍ଡିତମାନେ ଦାନିୟେଲ ତାଙ୍କ ସଂଙ୍ଗିମାନଙ୍କୁ ଈର୍ଷ୍ୟା କଲେ କାରଣ ରାଜା ସେମାନଙ୍କୁ ଆଦର କଲେ । ତେଣୁ ସେମାନେ କହିଲେ, ଏଠାରେ ଏପରି ତିନିଲୋକ ଅଛନ୍ତି ଯେଉଁ ମାନଙ୍କୁ ଆପଣ ବାବିଲର ପ୍ରଦେଶ ଉପରେ କର୍ତ୍ତୃତ୍ୱ ଭାର ଦେଇଅଛନ୍ତି, ଶଦ୍ରକ୍, ମୈଶକ୍ ଓ ଅବେଦ୍-ନଗୋ । ହେ ମହାରାଜ ସେମାନେ ଆପଣାର ଆଜ୍ଞା ପାଳନ କରିନ୍ତି ନାହିଁ । ସେମାନେ ଆପଣାର ଦେବଗଣର ସେବା କରନ୍ତି ନାହିଁ କିମ୍ବା ଆପଣାର  ଖୋଦିତ ପ୍ରତିମାକୁ ଉବୁଡ଼ ହୋଇ ପ୍ରଣାମ କରନ୍ତି ନାହିଁ ।





ରାଜା ନବୁଖଦନିତ୍ସର କୋପରେ ପରିପୂର୍ଣ୍ଣ ହେଲେ । ସେ ସେମାନଙ୍କୁ ସତର୍କ କଲେ, ଯଦି ତୁମ୍ଭେମାନେ ସେହି ପ୍ରତିମାକୁ ପ୍ରଣାମ ନ କର, ତେବେ ତୁମ୍ଭେମାନେ ପ୍ରଜ୍ୱଳିତ ଅଗ୍ନିରେ ନିକ୍ଷିପ୍ତ ହେବ । ଆଉ ଯେ ତୁମ୍ଭମାନଙ୍କୁ ମୋ ହସ୍ତରୁ ଉଦ୍ଧାର କରିବ, ଏପରି କେଉଁ ଦେବତା ଅଛି?

ରାଜା ବଡ଼ ଭୁଲ୍ କରିବାକୁ ଯାଉଥିଲେ । ସେ ସତ୍ୟରେ ଜୀବନ୍ତ ପରମେଶ୍ୱରଙ୍କ ବିରୁଦ୍ଧାଚରଣ କରୁଅଛନ୍ତି । ସେହି ତିନି ଏବ୍ରୀୟ ଜାଣିଥିଲେ ଯେ ପ୍ରତିମାକୁ ପ୍ରଣାମ କରିବା ସଦାପ୍ରଭୁଙ୍କ ଆଜ୍ଞା ଲଙ୍ଘନ ଅଟେ । ସେମାନେ ଠିଆହୋଇ ରହିଗଲେ । କାରଣ ସେମାନେ ସଦାପ୍ରଭୁଙ୍କ ଉପରେ ନିର୍ଭର କଲେ, ସେମାନେ ରାଜାଙ୍କୁ ଭୟ କରୁ ନ ଥିଲେ ।



ରାଜାଙ୍କ ନିମନ୍ତେ ସେହି ତିନି ନିର୍ଭୀକ ଲୋକଙ୍କ ପାଖରେ ଉତ୍ତର ଥିଲା । ସେମାନେ କହିଲେ, ଆମ୍ଭମାନଙ୍କର  ସେହି ପରମେଶ୍ୱର ଆମ୍ଭମାନଙ୍କୁ ପ୍ରଜ୍ୱଳିତ ଅଗ୍ନିକୁଣ୍ଡରୁ ରକ୍ଷା କରିବାକୁ ସମର୍ଥ ଅଟନ୍ତି ଓ ଆମ୍ଭମାନଙ୍କୁ ଉଦ୍ଧାର କରିବେ, ମାତ୍ର ଯେବେ ନ କରନ୍ତି, ତେବେ ହେଁ ହେ ମହାରାଜ ଆମ୍ଭେମାନେ ଯେ ଆପଣଙ୍କ ଦେବଗଣର ସେବା କିମ୍ବା ଆପଣଙ୍କ ସ୍ଥାପିତ ସୁବର୍ଣ୍ଣ ପ୍ରତିମାକୁ ପ୍ରଣାମ କରିବୁ ନାହିଁ ।



ରାଜା ନବୁଖଦନିସ୍ର
କୋପରେ ପରିପୂର୍ଣ୍ଣ ହେଲା,
ସେ ଅଗ୍ନିକୁ ସାଧାରଣ ଅପେକ୍ଷା
ସାତ ଗୁଣ ଉତପ୍ତ କରିବାକୁ
ଆଜ୍ଞା ଦେଲେ । ତାଥାପି
ସେମାନେ ପ୍ରଣାମ
କଲେ ନାହିଁ ।



ସେଥିରେ ରାଜା ଆପଣା ସୌନ୍ୟମଧ୍ୟରୁ
କେତେକ ବଳବାନ୍ ଲୋକକୁ
ଶଦ୍ରକ, ମୈଶକ୍ ଓ
ଅବେଦ-ନଗୋକୁ ବାନ୍ଧି
ପ୍ରଜ୍ୱଳିତ ଅଗ୍ନିକୁଣ୍ଡରେ



ନିକ୍ଷେପ
କରିବାକୁ
ଆଜ୍ଞା
ହେଲେ ।

ଅଗ୍ନିକୁଣ୍ଡ ଅତିଶୟ ଉତପ୍ତ ଥିଲା, ଏଥିପାଇଁ
ଯେଉଁ ଲୋକମାନେ ଶଦ୍ରକ, ମୈଶକ୍ ଓ
ଅବେଦ-ନଗୋକୁ ସେହି ଅଗ୍ନି
ମଧ୍ୟକୁ ନିକ୍ଷିପ୍ତ କଲେ ସେମାନେ
ଅଗ୍ନି ଶିଖାରେ ହତ ହେଲେ ।



ରାଜା ନିରାପଦ ବ୍ୟବଧାନରେ ଠିଆ ହୋଇ ଦେଖୁଥିଲା, ସେ ତିନିଜଣଙ୍କୁ ସେହି ପ୍ରଜ୍ୱଳିତ ଅଗ୍ନିମଧ୍ୟକୁ ଫିଙ୍ଗି ହେବାର ଦେଖିଥିଲା । ମାତ୍ର ସେ କିଛି ଅଲଗା ଦେଖିବାକୁ ପାଇଲା ।



ରାଜା ନବୂଖଦନିସ୍ର ଚ଼ମକୃତ ହେଲା, ଆମ୍ଭେମାନେ କି ତିନି ଲୋକଙ୍କୁ ବାନ୍ଧି ଅଗ୍ନି ମଧ୍ୟରେ ପକାଇ ନ ଥିଲୁ, ରାଜା ତାହାର ସହୋଚର ମାନଙ୍କୁ କହିଲେ, ସେମାନେ ରାଜାଙ୍କୁ ଉତ୍ତର କରି କହିଲେ, ସତ୍ୟ ମହାରାଜ । ସେ କହିଲେ, ଦେଖ ମୁଁ ଅଗ୍ନି ମଧ୍ୟରେ ଗମନ କରିବାର ଚ଼ାରି ମୁକ୍ତ ଲୋକ ଦେଖୁଅଛି ଓ ସେମାନଙ୍କର କୌଣସି କ୍ଷତି ହୋଇନାହିଁ, ପୁଣି ଚ଼ତୁର୍ଥ ଲୋକର ମୂର୍ତ୍ତୀ ପରମେଶ୍ୱରଙ୍କ ପୁତ୍ର ଶଦୃଶ ।



ସେତେବେଳେ ନବୁଖଦନିତ୍ସର ପ୍ରଜ୍ୱଳିତ ଅଗ୍ନିକୁଣ୍ଡର ମୁଖ ନିକଟକୁ ଯାଇ କହିଲା, ହେ ସର୍ବପରିସ୍ଥ ପରମେଶ୍ୱରଙ୍କର ଦାସ ଶଦ୍ରକ, ମୈଶକ ଓ ଅବେଦ-ନୋଗୋ, ତୁମ୍ଭେମାନେ ବାହର ହୋଇ ଏଠାକୁ ଆସ ତହିଁରେ ଶଦ୍ରକ, ମୈଶକ ଓ ଅବେଦ-ନୋଗୋ, ଅଗ୍ନି ମଧ୍ୟରୁ ବାହର ହୋଇ ଆସିଲେ ।



ସମସ୍ତେ ସେଠାରେ ଏକତ୍ର ହୋଇ ସେହି ତିନି ଜଣଙ୍କୁ ଅନାଇ ଦେଖିଲେ ଯେ ଅଗ୍ନି ସେମାନଙ୍କ ଶରିର ଉପରେ କିଛି ହିଁ ଶକ୍ତି ପ୍ରକାଶ କରିନାହିଁ । କିଅବା ସେମାନଙ୍କର ମସ୍ତକର କେଶ ହିଁ କିଛି ଦଗ୍ଧ ହୋଇନାହିଁ । ସେମାନଙ୍କ ଶରୀରରେ କୌଣସି ପ୍ରକାରର ଅଗ୍ନିର ଗନ୍ଧ ମଧ୍ୟ ନାହିଁ ।



ଯେତେବେଳେ ରାଜା ନବୁଖଦନିତ୍ସର ହୃଦୟଙ୍ଗମ କଲେ, ସେ କିଛି ଅତି ବୁଦ୍ଧିର କର୍ମ କଲେ । ସେ ପ୍ରାର୍ଥନା କରି କହିଲେ, ଶଦ୍ରକ, ମୈଶକ ଓ ଅବେଦ-ନୋଗୋର ପରମେଶ୍ୱରଙ୍କର ଧନ୍ୟବାଦ ହେଉ, ଯେ ଆପଣା ଦୂତ ପଠାଇ ତାହାଙ୍କର ଦାସମାନଙ୍କୁ ଯେଉଁମାନେ ତାହାଙ୍କଠାରେ ଭରଷା କଲେ ସେମାନଙ୍କୁ ଉଦ୍ଧାର କଲେ ।



ଏକ ମନୁଷ୍ୟ ଯେ ନତ ହେଲେନାହିଁ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଦାନିୟେଲ ୩

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ୍ୟ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏତେ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସ୍ୱର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯ୍ୟନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଈଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଈଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୂପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬